# Akashvani, Sambalpur

# SAMBALPURI NEWS MORNING BULLETIN

# 29 April 2026 - 6.47- 6.52 am.

---

ମୁଖ୍ୟମନ୍ତ୍ରୀ-କେନ୍ଦୁଝର୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ତାଙ୍କର୍ କେନ୍ଦୁଝର୍ ଗସ୍ତର୍ ୩ ନମ୍ବର୍ ଦିନେ ଧରଣୀଧର ବିଶ୍ୱବିଦ୍ୟାଳୟ ନ ବହୁତ୍‌ଟେ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ କର୍‌ବାର୍ ସହେତେ ଆମ ବସ୍ ରହଣୀସ୍ଥଳୀର୍ ଉଦ୍‌ଘାଟନ୍ କର୍‌ବେ ।

ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ଉଚାବାଲି ହାଟ୍‌ପଡ଼ିଆଠାନେ ୧ ହଜାର୍ ୬ ଶହ ୪୬ କୋଟି ଟଙ୍କା ଖର୍ଚ୍ଚାଥି ଗୁଟେ ନୂଆଁ ବିଦ୍ୟୁତ୍ ଗ୍ରୀଡ୍ ସବ୍‌ଷ୍ଟେସନ୍ ସହେତେ ୨ ଟା ୨ ଶହ ୨୦ ଭୋଲ୍ଟ ଗ୍ରୀଡ୍ ସବ୍‌ଷ୍ଟେସନ୍ ଆଉ ୫ ଟା ଟ୍ରାନ୍ସମିଶନ୍ ଲାଇନ୍‌ର ଶିଳାନ୍ୟାସ୍ କରିଛନ୍ । ଇତାର୍‌ସହେତେ ବିଏନ୍‌କେ ଉଚ୍ଚବିଦ୍ୟାଳୟର୍ ସୁବର୍ଣ୍ଣ ଜୟନ୍ତୀ ସମାରୋହଥି ମୁଖ୍ୟମନ୍ତ୍ରୀ ଯୋଗ୍ ଦେଇଥିଲେ ।

ବିଧାନ୍‌ସଭାର୍ ଖାସ୍ ଅଧିବେଶନ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ବିଧାନ୍‌ସଭାର୍ ଖାସ୍ ଅଧିବେଶନ୍ ଆଏବା କାଏଲ୍ ହେବା । ଗୁଟେ ଦିନ୍ ଲାଗି ବସ୍‌ବାର୍‌କେ ଥିବା ଅଧିବେଶନ୍‌ଥି ଦେଶର୍ ଗଣତନ୍ତ୍ରଥି ମହିଳାମାନ୍‌କର୍ ଯୋଗ୍‌ଦାନ୍ ଉପ୍‌ରେ ଆଲୋଚନା କରାଯିବା ।

ସମ୍ମିଳନୀ      ଆର୍‌ଏନ୍‌ୟୁ/ ସମ୍ବଲପୁର

ନୀତି ପ୍ରଣୟନ୍ ଆଉ ସେବା ଦେବାର୍‌ଥି ପ୍ରଶାସନିକ୍ ତଥ୍ୟାବଳୀର ଫେର୍‌ଘାଏ ବେଭାର୍‌ର ଆବଶ୍ୟକତାକେ ନେଇକରି ଭୁବ୍‌ନେଶ୍ୱର୍ ନ ଆଏଜ୍ ଠାନୁ ୨ ଦିନିଆ ଜାତୀୟସ୍ତରୀୟ ସମ୍ମିଳନୀ ହେବା । ଉଦ୍‌ଘାଟନୀ ଅଧିବେଶନ୍‌ଥି କେନ୍ଦ୍ର ପରିସଂଖ୍ୟାନ୍ ଆଉ କାର୍ଯ୍ୟକ୍ରମ୍ ରୂପାୟନ୍ ରାଷ୍ଟ୍ରମନ୍ତ୍ରୀ ରାଓ ଇନ୍ଦ୍ରଜିତ୍ ସିଂ ଯୋଗ୍ ଦେବେ । ସମ୍ମିଳନୀଥି ତୃଣମୂଳସ୍ତର୍ ନ ତଥ୍ୟ ସଂଗ୍ରହ କ୍ଷେତ୍ରଥି ଦେଖାଦେଉଥିବା ପ୍ରତିବନ୍ଧକ୍ ମାନ୍‌କୁ ଜାନ୍‌ବାର୍ ଆଉ ସେସବୁର୍ ସମାଧାନ୍ କର୍‌ବାର୍ ଉପ୍‌ରେ ଜୋର୍ ଦିଆଯିବା ।

କୃଷ୍ଣଚନ୍ଦ୍ର ପାତ୍ର ସମୀକ୍ଷା ଆଇ ଆଣ୍ଡ ପି.ଆର୍

ରାଏଜେ ରନ୍ଧା ଗେସ୍ ଆଉ ପେଟ୍ରୋଲ୍, ଡିଜେଲ୍ ଯୋଗାଣ୍ ଥିତି ବାବ୍ଦେ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମୀକ୍ଷା କରିଛନ୍ । ଲୋକ୍‌ସେବା ଭବନ୍ ନ ଭିନ୍ ଭିନ୍ ତେଲ୍ ଆଉ ଗେସ୍ ବିତରଣ୍ କମ୍ପାନୀର୍ ପ୍ରତିନିଧି ମାନ୍‌କର୍ ସାଙ୍ଗେ ଆଲୋଚନା କରିକରି ସେ କହିଛନ୍, ରାଏଜେ ଘରୋଇ ଗେସ୍ ଯୋଗାଣ ସ୍ୱାଭାବିକ୍ ରହିଛେ । ଆଉ ଗ୍ରାହକ୍‌ମାନେ ଧାରିଜ୍ ସମିଆଥି ସିଲିଣ୍ଡର୍ ପାଇପାରୁଛନ୍ । ସେନ୍ତା ରାଏଜେ ପେଟ୍ରୋଲ୍ ଆଉ ଡିଜେଲ୍ ଭିଲ୍ ଭରପୁର୍ ପରିମାଣ୍‌ଥି ମହଜୁଦ୍ ଥିବାର୍ ବେଲେ ଦର୍ ବଢ଼୍‌ବାର୍ ବାବ୍ଦେ ପ୍ରଚାର୍ ହଉଥିବା ଗୁଜବ୍ ଉପ୍‌ରେ ବିଶ୍ୱାସ୍ ନାଇଁ କର୍‌ବାର୍‌କେ ଲୁକ୍‌କୁ ସେ ପରାମର୍ଶ ଦେଇଛନ୍ ।

ବଲାଙ୍ଗିର୍ -ଦୁର୍ଘଟଣା ଆଇ ଆଣ୍ଡ ପି.ଆର୍

ବଲାଙ୍ଗିର୍ ଜିଲ୍ଲା ଟିଟିଲାଗଡ୍ ନ ଗଲାକାଏଲ୍ ହେଇଥିବା ଦୁର୍ଘଟଣା ଉତ୍‌ରୁ ମାଲ୍‌ବାହୀ ଗାଡ଼ିଥି ଯାତ୍ରୀ ପରିବହନ୍ ଉପ୍‌ରେ କଡ଼ା

କାର୍ଯ୍ୟାନୁଷ୍ଠାନ୍ ନେବାର୍ ଲାଗି ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ନିର୍ଦ୍ଦେଶ୍ ଦେଇଛନ୍ । ଦୁର୍ଘଟଣା ଘଟେଇଥିବା ପିକ୍ଅପ୍ ଭେନ୍ର ଫିଟ୍ନେସ୍ ଆଉ ବୀମା ବୈଧ ନାଇଁଥିବା ଜନାପଡ଼ିଛେ । ଇ ଗାଡ଼ିର୍ ପଞ୍ଜିକରଣ୍ ପ୍ରମାଣ୍ପତ୍ର ରଦ୍ଦ କରାଯାଇକରି ସ୍କ୍ରାପ୍ ଲାଗି ପଦକ୍ଷେପ୍ ନିଆଯାଇଛେ । ସାରା ରାଏଜେ ସବୁ ଆର୍ଟିଓ ସ୍ତର୍ ନ ମେ ୮ ତାରିଖ୍ତକ୍ ଖାସ୍ ଏନ୍ଫୋର୍ସମେଂଟ୍ ଅଭିଯାନ୍ ଚାଲ୍ବା । ମାଲ୍ବାହୀ ଗାଡ଼ିମାନ୍କେ ଯାତ୍ରୀ ନିଆଅନା କର୍ବାର୍ଟା ବେଆଇନ୍ ଥିବାର୍ନୁ ନିୟମ୍ ମାନ୍ବାର୍କେ ପରିବହନ୍ ବିଭାଗ୍ ତର୍ଫୁ ଅନୁରୋଧ୍ କରାଯାଇଛେ ।

ପରାମର୍ଶଦାତା ବୈଠକ୍ ଆଇ ଆଣ୍ଡ୍ ପି.ଆର୍

ବିକଶିତ୍ ଓଡ଼ିଶା ୨୦୩୬ ଲକ୍ଷକେ ପୁରା କର୍ବାର୍ ଲାଗି ଗଲାକାଏଲ୍ ଭୁବ୍ନେଶ୍ୱର୍ ନ ଗୁଟେ ଉଚ୍ଚସ୍ତରୀୟ ପରାମର୍ଶଦାତା ବୈଠକ୍ ହେଇଯାଇଛେ । ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଉଷା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ଥି ଗୃହନିର୍ମାଣ୍ ଆଉ

ନଗର୍ ଉନ୍ନୟନ୍ ବିଭାଗ୍‌ର ବରିଷ୍ଠ ପ୍ରଶାସନିକ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ । ବୈଠକ୍‌ଥି ସମନ୍ୱିତ୍ ଯୋଜ୍‌ନା ପ୍ରଣାଳୀକେ ବର୍‌କସ୍ କର୍‌ବାର୍ ତଥ୍ୟଭିତିକ୍ ନିଷ୍ପତି ନେବାର୍ ବିଭାଗ୍ ମାନ୍‌କର୍ ଭିତ୍‌ରେ ତାଲ୍‌ମେଲ୍ ଆଉ ପ୍ରଶାସନିକ୍ ସଂସ୍କାର୍ ବାବ୍‌ଦେ ବିସ୍ତୃତ୍ ଆଲୋଚନା କରାଯାଇଥିଲା ।

ଆୟୁସ୍ ଡାକ୍ତର୍ - ଦର୍‌ମା ବୃଦ୍ଧି       ଆଇ ଆଣ୍ଡ୍ ପି.ଆର୍

ରାଜ୍ୟର୍ ସର୍‌କାରୀ ଆୟୁର୍ବେଦିକ୍ ଆଉ ହୋମିଓପାଥି ମେଡ଼ିକାଲ୍ କଲେଜ୍ ମାନ୍‌କେ କାମ୍ କରୁଥିବା ଚୁକ୍ତିଭିତିକ ଅଧ୍ୟାପକ୍, ରିଡ଼ର୍ ଆଉ ପ୍ରଫେସର୍ ମାନ୍‌କର୍ ଦର୍‌ମା ବଢ଼ାଯାଇଛେ । ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍‌ର ନିଷ୍ପତି ଅନ୍‌ସାରେ ଅଧ୍ୟାପକ୍ ମାନ୍‌କର୍ ଦର୍‌ମା ୭୦ ହଜାର୍, ରିଡର୍ ମାନ୍‌କର୍ ଦର୍‌ମା ୮୦ ହଜାର୍ ଟଙ୍କା କରାଯାଇଥିବାର୍ ବେଲେ ପ୍ରଫେସର୍ ମାନ୍‌କର୍ ଦର୍‌ମାକେ ଲକ୍ଷେ ଟଙ୍କା କରାଯାଇଛେ । ଇ ପଦକ୍ଷେପ୍ ଲାଗି ରାଜ୍ୟର୍ ଆୟୁଷ୍ ଶିକ୍ଷା ବ୍ୟବସ୍ଥା ଆହୁରି ବର୍‌କସ୍ ହେବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ ।

ନିର୍ବାଚନ୍        ଆର୍‌ଏନ୍‌ୟୁ/ କଟକ

ପଶ୍ଚିମବଙ୍ଗ୍ ନ ୨ ନମ୍ବର୍ ଖେପ୍ ବିଧାନ୍‌ସଭା ନିର୍ବାଚନ୍‌ଥି ଆଏଜ୍ ୭ ଟା ଜିଲ୍ଲାର୍ ଶହେ ୪୨ ଟା ଆସନ୍ ଲାଗି ଭୋଟ୍ ହେବା । ଇ ଖେପେ ୩ କୋଟି ୨୦ ଲାଖ୍ ନୁ ଅଏତ୍‌କା ଭୋଟର୍ ସେମାନ୍‌କର୍ ସାମ୍ବିଧାନିକ୍ ଅଧିକାର୍ ଜାହିର୍ କର୍‌ବେ । ନିର୍ବାଚନ୍‌ଥି ୧ ହଜାର୍ ୪ ଶହ ୪୮ ଝନ୍ ପ୍ରାର୍ଥୀଙ୍କର୍ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ୍ ହେବା । ସେମାନ୍‌କର୍ ଭିତ୍‌ରେ ୨ ଶହ ୨୦ ଝନ୍ ମହିଳା ପ୍ରାର୍ଥୀ ଅଛନ୍ ।

ଆନ୍ତର୍ଜାତୀୟ ନୃତ୍ୟ ଦିବସ୍        ଆର୍‌ଏନ୍‌ୟୁ /  ସମ୍ବଲପୁର

'ଏକତା- ସୃଜନଶୀଳତା ଆଉ ସାଂସ୍କୃତିକ୍ ଅନ୍ତର୍ଭୁକ୍ତି' ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ଅନ୍ତର୍ଜାତୀୟ ନୃତ୍ୟ ଦିବସ୍ । ପ୍ରସିଦ୍ଧ ନୃତ୍ୟଶିଳ୍ପୀ ଜିନ୍ ଜର୍ଜେସ୍ ନୋଭେଲ୍‌ଙ୍କୁ ସୁର୍‌ତା କରିକରି ଫି ବଛର୍ ଆଜିର୍ ଦିନେ ଇ ଦିବସ୍ ପାଲନ୍ କରାଯାଏସି । ୧୯୮୨ ମସିହା ଇଂଟର୍ ନେସ୍‌ନାଲ୍ ଥିଏଟର୍ ଇନ୍‌ଷ୍ଟିଚ୍ୟୁଟ୍‌ର ନୃତ୍ୟ

କମିଟି ତରଫୁ ଅନ୍ତର୍ଜାତୀୟ ନୃତ୍ୟ ଦିବସ୍ ମୁଲ୍ କରାଯାଇଥିଲା । ଶାରୀରିକ ଆଉ ମାନସିକ ସ୍ୱାସ୍ଥ୍ୟକେ ଉନ୍ନତ କର୍‌ବାର୍ ଦିଗେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଫି ବଛର୍ ଇ ଦିବସ୍ ପାଲନ୍ କରାଯାଉଛେ ।

ଇହାଦେ କେତେଟା ଛୋଟ୍ ଛୋଟ୍ ଖବର୍

ବୌଦ୍ଧ/ ନୂଆପଡ଼ା/ ଦେବ୍‌ଗଡ଼୍/ ବର୍‌ଗଡ଼୍

- ବୌଦ୍ଧ ଜିଲ୍ଲା ନ ବୁଦ୍ଧ ଜୟନ୍ତୀ ପାଲନ୍ ଲାଗି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଇଥି ଜୟନ୍ତୀ କାର୍ଯ୍ୟକ୍ରମ୍ ବାବ୍‌ଦେ ଭିନ୍ ଭିନ୍ ପ୍ରସ୍ତାବ୍ ଆଗତ୍ ହେଇଛେ ।

- ନୂଆପଡ଼ା ଜିଲ୍ଲାପାଲ୍ ଗଲାକାଏଲ୍ ସିନପାଲି ବ୍ଲକ୍ ଯାଇକରି ଭିନ୍ ଭିନ୍ କାମ୍‌ର ସମୀକ୍ଷା କରିଛନ୍ । ଆଏବା ଦିନେ ଟେରାକୋଟା ଜରିଏ କୁମ୍ଭାର୍ ମାନ୍‌କୁ ତାଲିମ୍ ଆଉ ଜରୁରୀ ଦରବ୍ ଯୁଗେଇ ଦିଆଯିବା ବଲି ଜିଲ୍ଲାପାଲ୍ କହିଛନ୍ ।

- ଦେବ୍‌ଗଡ଼୍ ଜିଲ୍ଲା ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷ ନ ଜିଲ୍ଲାର୍ ୮ ଟା ଉଚ୍ଚମାଧ୍ୟମିକ ବିଦ୍ୟାଳୟର୍ ବିଜ୍ଞାନ୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି

ଓଡ଼ିଆ ଭାଷାଥି ଲେଖା ହେଇଥିବା ପଢ଼ାବହି ପ୍ରଦାନ୍ ଆଉ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ହେଇଯାଇଛେ ।

- ନୃସିଂହନାଥ ପୀଠ ନ ବୈଶାଖ୍ ମେଲାର୍ ୩ ନମ୍ବର୍ ଦିନେ ଗଲାକାଏଲ୍ ବର୍ଗଡ଼୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍ ଆଉ ପଦମ୍ପୁର୍ ବିଧାୟିକା ବର୍ଷା ସିଂ ବରିହା ସାଂସ୍କୃତିକ୍ କାର୍ଯ୍ୟକ୍ରମ୍କେ ଉଦ୍ଘାଟନ୍ କରିଛନ୍ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଖରାର୍ ପ୍ରକୋପ୍ ଜାରି ରହିଛେ । ଗଲାକାଏଲ୍ ୧୩ ଟା ଜିଲ୍ଲାର୍ ତାପମାତ୍ରା ୪୦ ଡିଗ୍ରୀ ଉପ୍ରେ ରହିଥିବାର୍ ବେଲେ ଝାର୍ସୁଗୁଡ଼ା ନ ସବୁନୁ ଜହ ତାପମାତ୍ରା ୪୫ ଦଶ୍ମିକ୍ ୩ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼ କରାଯାଇଛେ । ସେଆଡ଼େ ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲା ନ କାଲ୍ବୈଶାଖୀର୍ ବଲେ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେବାର୍ ସମ୍ଭାବନା ରହିଛେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।